# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**11 July – 2025**

**News Editor : Itishree Singh Rathaur**

*************************************

## <u>ମୁଖ୍ୟ ସମ୍ବାଦ</u>

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଆଭାସୀ ମାଧ୍ୟମରେ ବଣ୍ଟନ କରିବେ ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର
- 'ଏକ ରାଷ୍ଟ୍ର ଏକ ନିର୍ବାଚନ' ସମ୍ପର୍କରେ ସଂସଦ ଭବନରେ ଜାରି ରହିଛି ଯୁଗ୍ମ ସଂସଦୀୟ କମିଟି ବୈଠକ
- ଜନସଂଖ୍ୟାବୃଦ୍ଧି ଜନିତ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି, ବିଶ୍ୱ ଜନସଂଖ୍ୟା ଦିବସ

ଏବଂ

- ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା; ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୯ଟି ଜିଲ୍ଲାକୁ ସତର୍କ ସୂଚନା

# ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଆସନ୍ତାକାଲି ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନ ଗୁଡ଼ିକରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ଦେଶର ୪୭ଟି ସ୍ଥାନରେ ୧୬ତମ ରୋଜଗାର ମେଳା ଅନୁଷ୍ଠିତ ହେଉଛି । ରେଳ, ଗୃହ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଶ୍ରମ ଏବଂ ନିଯୁକ୍ତି ତଥା ଡାକ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଓ ମନ୍ତ୍ରଣାଳୟରେ ଏହି ଯୁବବର୍ଗଙ୍କୁ ନିଯୁକ୍ତି ଦିଆଯିବ। ଏପର୍ଯ୍ୟନ୍ତ ଦେଶରେ ରୋଜଗାର ମେଳା ମାଧ୍ୟମରେ ୧୦ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ନୂତନ ଭାବେ ନିଯୁକ୍ତି ପାଇଥିବା ଏହି ଯୁବାମାନେ ଦେଶ ଗଠନରେ ଅଂଶଗ୍ରହଣ କରି ନିଜକୁ ସଶକ୍ତ କରିବା ପାଇଁ ସୁଯୋଗ ପାଇବେ ବୋଲି ଆଶା କରାଯାଉଛି । ଭୁବନେଶ୍ୱର ରେଳ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ରୋଜଗାର ମେଳା କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବେ।

# ଜେପିସି-ୱାନ୍ ନେସନ ୱାନ୍ ଇଲେକ୍ସନ

ଏକ ରାଷ୍ଟ୍ର ଏକ ନିର୍ବାଚନ ସଂକ୍ରାନ୍ତରେ ଯୁଗ୍ମ ସଂସଦୀୟ କମିଟିର ବୈଠକ ନୂଆଦିଲ୍ଲୀସ୍ଥିତ ସଂସଦ ଭବନରେ ଜାରି ରହିଛି । ଅଣଚାଳିଶ ସଦସ୍ୟ ବିଶିଷ୍ଟ ଏହି କମିଟିରେ ଲୋକସଭାର ୨୭ଜଣ ଏବଂ ରାଜ୍ୟସଭାର ୧୨ଜଣ ସଦସ୍ୟ ରହିଛନ୍ତି । ଏହି ବୈଠକ ସମ୍ବିଧାନର ୧୨୯ତମ

ସଂଶୋଧନ ବିଲ୍ ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ଆଇନ୍ ବିଲ୍ ୨୦୨୪କୁ ଅନୁଧ୍ୟାନ କରିବା ପାଇଁ ଏହି ବୈଠକ କରାଯାଉଛି । ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ସମାନ ସମୟରେ ନିର୍ବାଚନ ଅନୁଷ୍ଠିତ କରାଇବା ପାଇଁ ଏହି ଆଲୋଚନା କରାଯାଉଛି । ବୈଠକରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ, ଜଷ୍ଟିସ ଜଗଦୀଶ ସିଂହ ଖେହର ଦେଶରେ ଏକକାଳୀନ ନିର୍ବାଚନ ପ୍ରସଙ୍ଗରେ ନିଜର ମତ ରଖିବେ । ସମ୍ବିଧାନ ପ୍ରଣୟନ ପରେ ଦେଶରେ ୧୯୫୧ରୁ ୧୯୬୭ ମସିହା ପର୍ଯ୍ୟନ୍ତ ଲୋକସଭା ଏବଂ ସମସ୍ତ ରାଜ୍ୟ ବିଧାନସଭା ନିର୍ବାଚନ ଏକସଙ୍ଗେ ଅନୁଷ୍ଠିତ ହୋଇଥିଲା ।

## ଦଳାଚକଟା – ସାକ୍ଷ୍ୟଗ୍ରହଣ

ପୁରୀ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣାର ତଦନ୍ତ ଜାରି ରହିଛି। ଉନ୍ନୟନ କମିଶନର ଅନୁ ଗର୍ଗ ଗତ ଦୁଇଦିନ ଧରି ଭୁବନେଶ୍ୱର ଏବଂ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣାରେ ସାକ୍ଷ୍ୟ ଗ୍ରହଣ କରିଛନ୍ତି। ଉନ୍ନୟନ କମିଶନର ଗତକାଲି ପୁରୀଠାରେ ୪୮ଜଣ ବ୍ୟକ୍ତି ତଥା ଅନୁଷ୍ଠାନର ସଦସ୍ୟମାନଙ୍କୁ ସାକ୍ଷାତ କରି ସାକ୍ଷ୍ୟ ଗ୍ରହଣ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଭୁବନେଶ୍ୱରରେ ଗତ ୯ ତାରିଖରେ ଶ୍ରୀମତୀ ଗର୍ଗ ୧୭ଜଣ ବ୍ୟକ୍ତିଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ। ଏହିସବୁକୁ ରେକର୍ଡଭୁକ୍ତ କରାଯାଇଛି।

ରାଜ୍ୟ ସରକାର ଦଳାଚକଟା ଘଟଣାର ତଦନ୍ତ ଦାୟିତ୍ୱ ଉନ୍ନୟନ କମିଶନରଙ୍କୁ ଦେଇଥିବା ବେଳେ ଏଥିଲାଗି ଏକ ଚାରିଜଣିଆ କମିଟି ମଧ୍ୟ ଗଠନ କରିଛନ୍ତି ।

## ରାହୁଲ୍‌ଗାନ୍ଧି - ଓଡ଼ିଶା ଗସ୍ତ

ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ ଆୟୋଜିତ  ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜନସମାବେଶକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଶ୍ରୀ ଗାନ୍ଧୀ ଜନସାଧାରଣଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ, ପିସିସି ସଭାପତି ଭକ୍ତ ଚରଣ ଦାସ, ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ବିଧାୟକ ଏବଂ ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକ ଅଦାଲତ

କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ୨୭ ତାରିଖ ରବିବାର ଦିନ ଜିଲ୍ଲାସ୍ତରୀୟ ଲୋକଅଦାଲତ ଅନୁଷ୍ଠିତ ହେବ। ଅଧିକ ସୂଚନା ପାଇଁ ଜନସାଧାରଣ ୦୬୭୧-୨୩୬୮୩୮୩ ନମ୍ବରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧିକ୍ଷକଙ୍କୁ ଯୋଗାଯୋଗ କରିପାରିବେ ।

## ବିଶ୍ୱ ଜନସଂଖ୍ୟା ଦିବସ

ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ଆଜି ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ଯୁବପିଢ଼ିଙ୍କୁ ସଶକ୍ତ କରିବା- ଭବିଷ୍ୟତ ଗଠନ କରିବା ।** ଜନ୍ମହାରକୁ ନିୟନ୍ତ୍ରଣ କରିବା ଲାଗି ବିଶ୍ୱବାସୀଙ୍କୁ ସଚେତନ କରାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ.......

ପରିବାର ଯୋଜନା, ଲିଙ୍ଗଗତ ସମାନତା, ଦାରିଦ୍ର୍ୟ, ପ୍ରସବକାଳୀନ ସ୍ୱାସ୍ଥ୍ୟବସ୍ଥା ଏବଂ ମାନବିକ ଅଧିକାର ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଜନସଂଖ୍ୟା ଦିବସ କାଳନ କରାଯାଉଛି । ୧୯୮୯ ମସିହା ଜୁଲାଇ ୧୧ ତାରିଖରେ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଆଜିର ଦିନରେ ଏହି ଦିବସ ପାଳିତ ହୋଇଆସୁଛି । ଜନସଂଖ୍ୟା ବୃଦ୍ଧି, ପ୍ରାକୃତିକ ସଂସାଧନ ଶୃଙ୍ଖଳ ଉପରେ ଗଭୀର ପ୍ରଭାବ ପକାଇଥାଏ । ୨୦୨୩ ମସିହା ଆକଳନ ଅନୁଯାୟୀ, ଭାରତର ଜନସଂଖ୍ୟା ୧୪୦ କୋଟି ଅତିକ୍ରମ କରିସାରିଛି । ଚଳିତବର୍ଷ ବିଶ୍ୱ ଜନସଂଖ୍ୟା ବୃଦ୍ଧି ପାଇଁ ୮୧୦ କୋଟିରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି ।

ଜନସଂଖ୍ୟା ଦେଶ ପାଇଁ ଉଭୟ ବିପଦ ଏବଂ ସମ୍ପଦ ଭାବେ କାର୍ଯ୍ୟ କରିଥାଏ । ଜନସଂଖ୍ୟାର ଭାରସାମ୍ୟକୁ ବଜାୟ ରଖାଯାଇ ପ୍ରାକୃତିକ ସମ୍ପଦର ସୁବିନିଯୋଗ ହୋଇପାରିଲେ ଜନସମ୍ପଦର ସୁପରିଚାଳନା ସମ୍ଭବପର

ହୋଇପାରିବ। ଜନସଂଖ୍ୟା ନିୟନ୍ତ୍ରିତ କରିବାକୁ ପ୍ରତ୍ୟେକ ଦେଶ ବିଭିନ୍ନ ପଦକ୍ଷେପ ଏବଂ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି। ସମଗ୍ର ବିଶ୍ୱରେ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଚୀନକୁ ଅତିକ୍ରମ କରି ଭାରତ ବର୍ତ୍ତମାନ ପ୍ରଥମ ସ୍ଥାନରେ ରହିଛି। ଏହି ଜନସଂଖ୍ୟା ବିସ୍ଫୋରଣ ଆଗାମୀ ଦିନରେ ଦେଶ ପାଇଁ ଦାରିଦ୍ର୍ୟ ସହ ପ୍ରଗତୀରେ ମୁଖ୍ୟ ପ୍ରତିବନ୍ଧକ ସାଜିବ ବୋଲି ବିଶେଷଜ୍ଞମାନେ ମତ ବ୍ୟକ୍ତ କରିଛନ୍ତି।

ମହିଳାଙ୍କ ଶିକ୍ଷା, ସଶକ୍ତୀକରଣ ଓ ପରିବାର ନିୟୋଜନ ବ୍ୟବସ୍ଥାର ସମ୍ପ୍ରସାରଣ ସହ ୨ଟି ସନ୍ତାନ ଉପରେ ଗୁରୁତ୍ୱ ଏବଂ ପ୍ରୋତ୍ସାହନ ପ୍ରଦାନ କରାଗଲେ ବର୍ଦ୍ଧିତ ଜନସଂଖ୍ୟା ଉପରେ ନିୟନ୍ତ୍ରଣ ରଖାଯାଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଓଡିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି **ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ** କହିଛନ୍ତି....

# - V/O -

ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରି ସାମାଜିକ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହେବା ଜରୁରୀ। ଏହାଦ୍ୱାରା ଜନସଂଖ୍ୟା ବିକାଶରେ ବାଧକ ନ ହୋଇ ବିକାଶର ବାହକ ସାଜିବ।

**ଜନସଂଖ୍ୟା–ଜିଲ୍ଲା**

ରାଜ୍ୟର ବିଭିନ୍ନ ସ୍ଥାନରେ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନେ ଆୟୋଜନ କରାଯାଉଛି ।

**ଭଦ୍ରକ** ପୁରୁଣା ଜିଲ୍ଲା ଚିକିତ୍ସାଳୟଠାରେ ସ୍ୱାସ୍ଥ୍ୟସମିତି ପକ୍ଷରୁ ଏହି ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରରଂଜନ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ଜନସଂଖ୍ୟା ନିୟନ୍ତ୍ରଣ ଏବଂ ପ୍ରତ୍ୟେକ ନାଗରିକଙ୍କୁ ଏଥିପ୍ରତି ସଚେତନ ରହିବା ଉପରେ ପରାମର୍ଶ ଦେଇଥିଲେ ।

## ଝାଡାବାନ୍ତି

**ଗଞ୍ଜାମ** ଜିଲ୍ଲା ଦିଗପହଣ୍ଡି ବ୍ଲକରେ ଝାଡାବାନ୍ତି ବ୍ୟାପିଥିବା ସୂଚନା ମିଳିଛି । ଆକ୍ରାନ୍ତମାନଙ୍କୁ ବ୍ରହ୍ମପୁର ମେଡିକାଲରେ ଚିକିତ୍ସା କରାଯାଉଥିବାବେଳେ ସେଥିମଧ୍ୟରୁ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ତେବେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି । ଏକ ଡାକ୍ତରୀ ଦଳ ପ୍ରଭାବିତ ଅଂଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସେହି ଅଂଚଳରେ ଥିବା ଜଳଉତ୍ସଗୁଡ଼ିକୁ ନିୟମିତ ବିଶୋଧନ ଲାଗି ପରାମର୍ଶ ଦିଆଯାଇଛି ।

## ଡାଇରିଆ-ଭଦ୍ରକ

**ଭଦ୍ରକ** ଜିଲ୍ଲାର ବିଭିନ୍ନ ଅଂଚଳରେ ଡାଇରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡିଛି । ଜିଲ୍ଲାର ଅନ୍ନପାଳ, ବିଶୁପୁର ସମେତ ୭ଟି ବ୍ଲକ୍‌ର ସଂକ୍ରମିତମାନଙ୍କୁ ଜିଲ୍ଲା ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଯୁଗ୍ମ ନିର୍ଦ୍ଦେଶକ ପୁଷ୍ପାଞ୍ଜଳି ମିଶ୍ର ଜିଲ୍ଲା ମୁଖ୍ୟ

ଚିକିତ୍ସାଳୟରେ ସ୍ଥିତି ସମୀକ୍ଷା କରିବା ସହ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା କହିଛନ୍ତି।

## ସାହାଣୀ କପ୍

୬୪ତମ ଆନ୍ତଃଜିଲ୍ଲା ସାହାଣୀକପ୍ ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ **ବୌଦ୍ଧ** ଜିଲ୍ଲା ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ଓଡ଼ିଶା ଫୁଟବଲ୍ ସଂଘ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ୯ଟି ଜିଲ୍ଲାରୁ ବିଭିନ୍ନ ଫୁଟବଲ୍ ଦଳ ଅଂଶଗ୍ରହଣ କରୁଛନ୍ତି।

## ପାଣିପାଗ

ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୦୪ ଦଶମିକ ୮/୭ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୮୩ ହଜାର ୧୩୯ ଘନଫୁଟ ଜଳ ପ୍ରବେଶ କରୁଛି। ୧୬ଟି ଗେଟ୍ ଦେଇ ୨ ଲକ୍ଷ ୭୧ ହଜାର ୪୭୧ ଘନଫୁଟ ଜଳ ନିଷ୍କାସିତ ହେଉଥିବା ଜଣାପଡିଛି।

*********************************